# Akashvani, Sambalpur

# SAMBALPURI NEWS MORNING BULLETIN

## 7 September 2026 - 6.47- 6.52 am.

---

ରାଜ୍ୟପାଲ୍- ସମ୍ବଲପୁର ସମ୍ବଲପୁର ସମ୍ବାଦଦାତା

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆଏଜ୍ ସମ୍ବଲପୁର୍ ବିଶ୍ୱବିଦ୍ୟାଳୟର ୩୬ ନମ୍ବର୍ ସମାବର୍ତନ୍ ଉତ୍ସବ୍‌ଥି ଯୋଗ୍ ଦେଇକରି ଦୀକ୍ଷାନ୍ତ ଭାଷଣ୍ ଦେବାର୍ ସହେତେ ଛାତ୍ରଛାତ୍ରୀମାନ୍‌କୁ ଡିଗ୍ରୀ ଆଉ ପଦକ୍ ପ୍ରଦାନ୍ କର୍‌ବେ । ଇତାର୍ ଉତ୍‌ରୁ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟର୍ ୫ ନମ୍ବର୍ ସମାବର୍ତନ୍ ଉତ୍ସବ୍‌ଥି ଯୋଗ୍ ଦେବେ । ରାଜ୍ୟପାଲ୍ ସଖାଲ୍‌ବେଲା ମା' ସମେଲଇଙ୍କର୍ ଦର୍ଶନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ଜନଅଭିଯୋଗ ଶୁଣାଣି ଶିବିର ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏଜ୍ ବନ୍ଦ୍ ରହେବା । ଭୁବ୍‌ନେଶ୍ୱର୍ ୟୁନିଟ-୨ ଠାନେ ହେବାର୍‌କେ ଥିବା ଅଭିଯୋଗ୍ ଶୁଣାଣିକେ ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ କାମ୍ ଥିବାର୍‌ନୁ ବନ୍ଦ୍ ରଖାଯାଇଛେ । ପରବର୍ତୀ ଶୁଣାଣି ତାରିଖ୍ ସମ୍ବାଦପତ୍ର ଆଉ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବି.କେ.ପି.ପି.ଇ.ଆର୍ ପ୍ରକଳ୍ପ ଆଇ ଆଣ୍ଡ୍ ପି.ଆର୍

ଭୁବନେଶ୍ୱର୍ ଖାରବେଳ ଭବନ୍ ନ ଭୁବ୍‌ନେଶ୍ୱର-କଟକ୍-ପୁରୀ-ପାରାଦ୍ୱୀପ୍ ଅର୍ଥନୈତିକ୍ ଅଂଚଲ୍ ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ ଆନ୍ତଃବିଭାଗୀୟ ସମନ୍ୱୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଅଧ୍ୟକ୍ଷତା କରିକରି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ- ଇ ପ୍ରକଳ୍ପ ଓଡ଼ିଶାର୍ ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟ ପୂରଣ୍‌ଥି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ୍ କର୍‌ବା ବଲି କହିଛନ୍ । ଇ ସମନ୍ୱିତ୍ ଆଂଚଲିକ୍ ବିକାଶ୍‌ଥି ଇ ଇଲାକାର୍ ଭିତିଭୂମି, ନିବେଶ୍, ନିଯୁକ୍ତି, ଅର୍ଥନୈତିକ୍ ଅଭିବୃଦ୍ଧି

ଘଟ୍‌ବା ବଲି ସେ ଆଶା ପ୍ରକାଶ୍ କରିଛନ୍ । ଖୋର୍ଦ୍ଧା, କଟକ୍, ପୁରୀ ଆଉ ଜଗତ୍‌ସିଂହପୁର୍, ଜିଲ୍ଲା ଆଉ ଇ ଭିତ୍‌ରେ ଆସୁଥିବା ୧୯ ଟା ସହରାଂଚଲ୍‌କେ ନେଇକରି ଗଠିତ ଇ ଅର୍ଥନୈତିକ୍ ଅଂଚଲ୍‌କେ ସମାବେଶୀ, ବାସଯୋଗ୍ୟ ଆଉ ସ୍ଥାୟୀ ଅର୍ଥନୈତିକ୍ ଅଂଚଲ୍ ଭାବେ ଗଢ୍‌ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ । ଇ ପ୍ରକଳ୍ପରୁ ୪୦ ଲାଖ୍ ନୁ ଅଏତ୍‌କା ଅଣକୃଷି ନିଯୁକ୍ତି ସୃଷ୍ଟି ଆଉ ୩୭ ଲକ୍ଷ କୋଟି ନିବେଶର ରହିଛେ ।

ଆଇନ୍ ୨୦୧୫            ଆଇ ଆଣ୍ଡ୍ ପି.ଆର୍

ଭୁବନେଶ୍ୱର୍ ଠାନେ ଗଲାକାଏଲ୍ ଜୁଭେନାଇଲ୍ ଜଷ୍ଟିସ୍ ଆଇନ୍ ୨୦୧୫ର୍ କାର୍ଯ୍ୟକାରୀ ଦଶନ୍ଧି ଆଉ ଆଗାମୀ ପନ୍ଥା ଶୀର୍ଷକ୍ ରାଜ୍ୟସ୍ତରୀୟ ଅଂଶୀଦାର୍‌ମାନ୍‌କର୍ ତର୍‌ଫୁ ଆଲୋଚନା ଚକ୍ର ହେଇଯାଇଛେ । ଇଥି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ହରିଶ୍ ଟଣ୍ଡନ୍‌ଙ୍କର୍ ସହେତେ ଓଡ଼ିଶା ହାଇକୋର୍ଟ ଜୁଭେନାଇଲ୍ ଜଷ୍ଟିସ୍ କମିଟିର୍ ଅଧ୍ୟକ୍ଷା ଜଷ୍ଟିସ୍ ସାବିତ୍ରୀ ରଥୋ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍‌ର

କମିଶନର୍ ଡକ୍ଟର୍ ମୃଣାଳିନୀ ଦର୍ଶୱାଲ୍ ଆଉ ଅଲ୍‌ଗା ବରିଷ୍ଠ ନ୍ୟାୟିକ ଅଧିକାରୀ, ସିଭିଲ୍ ସୋସାଇଟି ସଂଗଠନ୍‌ର ପ୍ରତିନିଧିମାନେ ସାମିଲ୍ ହେଇଥିଲେ । ବୈଷୟିକ୍ ଆଲୋଚନାଚକ୍ରଥି ୪ ଟା ପେନେଲ୍ ଆଲୋଚନା ଜରିଏ ଶିଶୁ ସୁରକ୍ଷା ଆଉ କିଶୋର୍ ନ୍ୟାୟର୍ ପ୍ରମୁଖ ଦିଗ୍ ଉପ୍‌ରେ ଜୋର୍ ଦିଆଯାଇଛେ । ଇ ପରାମର୍ଶ ବୈଠକ୍‌ଥି ଜୁଭେନାଇଲ୍ ଜଷ୍ଟିସ୍ ଆଇନ୍ ୨୦୧୫ ଜରିଏ ଆସିଥିବା ବ୍ୟାପକ୍ ସଂସ୍କାର୍ ବାବ୍‌ଦେ ଆଲୋଚନା କରାଯାଇଛେ । ସାଇବର୍ ଅପରାଧ୍, ଅନ୍‌ଲାଇନ୍ ଶୋଷଣ୍, ମାନବ୍ ଚାଲାଣ୍ ଆଉ ନିଶା ଦରବ୍ ସେବନ୍ ଠାନୁ ଛୁଆମାନ୍‌କୁ ସୁରକ୍ଷା ଦେବାର୍ ଲାଗି ବ୍ୟବସ୍ଥାର୍ ଭିତିଭୂମି ସୁଦୃଢ଼ିକରଣ୍ ଆଉ କର୍ମଚାରୀମାନ୍‌କର୍ ଦକ୍ଷତା ବିକାଶ୍ ଦର୍‌କାର୍ ବଲି ଉପସ୍ଥିତ୍ ପ୍ରତିନିଧିମାନେ ମତ ଦେଇଛନ୍ ।

ଜାତୀୟ ଅନୁସୂଚିତ ଜନଜାତି କମିଶନ୍‌ର ଅଧ୍ୟକ୍ଷ/ଆଇ ଆଣ୍ଡ୍ ପି.ଆର୍

ଜାତୀୟ ଅନୁସୂଚିତ ଜନଜାତି କମିଶନ୍‌ର ଅଧ୍ୟକ୍ଷ ଅନ୍ତର୍ ସିଂ ଆର୍ଯ୍ୟ ଓଡ଼ିଶା ଗସ୍ତଥି ଆସିଛନ୍ । ଶ୍ରୀ ଆର୍ଯ୍ୟ ଭୁବ୍‌ନେଶ୍ୱର୍ ନ ଆଏଜ୍ ଭିନ୍

ଭିନ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଇତାର୍ ଆଘୋନୁ ସେ ଗଲାକାଏଲ୍ ପୁରୀ ନ ଅନୁସୂଚିତ ଜନଜାତି ଅନୁଷ୍ଠାନ୍ ଆଉ ସ୍ୱେଚ୍ଛାସେବୀ ଅନୁଷ୍ଠାନ୍ର ପ୍ରତନିଧି ମାନ୍କର୍ ସଙ୍ଗେ ଭିନ୍ ଭିନ୍ ବିଷେକେ ନେଇକରି ଆଲୋଚନା କରିଥିଲେ । ଇତାର୍ ଉତ୍ରୁ ପୁରୀ ଜିଲ୍ଲାପାଲ୍, ଅତିରିକ୍ତ ଏସ୍.ପି., ସିଡିଏମ୍ଓ ଆଉ ଜିଲ୍ଲାର୍ ପ୍ରଶାସନିକ ଅଧିକାରୀମାନ୍କର୍ ସାଙ୍ଗେ ଭିଲ୍ ବୈଠକ୍ ହେଇଥିଲା । ଏଫ୍.ଆର୍.ଏ. ଯୋଜ୍ନା ଜରିଏ ଅନୁସୂଚିତ ଜନଜାତି ଲୋକ୍ମାନ୍କୁ ଜମି ପଟ୍ଟା ଦେବାର୍ ଦିଗେ କମିଶନ୍ଙ୍କର୍ ତର୍ଫୁ ଜୋର୍ ଦିଆଯାଉଥିବାର୍ ବେଲେ ପେଷା କାନୁନ୍କେ ଠିକ୍ ଭାବେ କାର୍ଯ୍ୟକାରୀ କର୍ବାର୍ ଲାଗି ଅଧକ୍ଷ ଜୋର୍ ଦେଇଛନ୍ । ପୁରୀ ଜିଲ୍ଲା ନ ଅନୁସୂଚିତ ଜନଜାତି କଲ୍ୟାଣ୍ ନେଇକରି ସର୍କାର୍ଙ୍କର୍ ସବୁ କାମ୍ କେନ୍ତା ଚାଲିଛେ ସେ ବାବ୍ଦେ ଭିଲ୍ କମିଶନ୍ ସମୀକ୍ଷା କରିଥିଲେ ।

କଳିଅ ଦଳନ ବେଶ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଭୁଦୋ ମାସ ଅନ୍ଧାର୍ ପଖର୍ ଏକାଦଶୀ ତିଥି ନ ଶ୍ରୀଜୀଉଙ୍କର୍ କାଳିୟ ଦଳନ ବେଶ ଆଉ ଧେନୁକାଶୁର ବଧ ପ୍ରସ୍ତାବ ନୀତି ହେବା । ପରମ୍ପରା ଅନ୍‌ସାରେ ଆଏଜ୍ ଶ୍ରୀମନ୍ଦିର୍ ନ ମଧ୍ୟାହ୍ନ ଧୂପ ନୀତି ସର୍‌ବାର୍ ଉତ୍‌ରୁ ମଦନ ମୋହନ୍ ଆଉ ରାମକୃଷ୍ଣଙ୍କୁ ପୂଜା ପଣ୍ଡା ସାମନ୍ତ ଆଜ୍ଞାମାଳ ବିଜେ କରାବେ । ଇତାର୍‌ଉତ୍‌ରୁ ପୁଷ୍ପାଳକ ସେବକ୍‌ମାନେ ମାହାପୁରୁଙ୍କୁ ଝୁଲଣ ମଣ୍ଡପ୍ ଠାନେ ଥିବା ପାଲିଙ୍କି ନ ବିଜେ କରାବେ । ପଛେ ମାହାପୁରୁମାନେ ଶ୍ରୀମନ୍ଦିର୍ ବେଢ଼ା ପରିକ୍ରମା କରିକରି ଲୋକନାଥ ରୋଡ୍ ନ ଥିବା ଲବଣୀଖିଆ ମଣ୍ଡପ୍‌କେ ବିଜେ କର୍‌ବେ । ସେନ ବନ୍ଦାପନା, ଶୀତଲଭୋଗ ବାଗିର୍ ନୀତି ସର୍‌ବାର୍ ଉତ୍‌ରୁ ମାର୍କଣ୍ଡ ପୋଖରୀ ନ ମାହାପୁରୁଙ୍କର୍ କାଳିଅଦଲନ ଲୀଳା କରାଯିବା । ଇତାର୍ ଉତ୍‌ରୁ ରତ୍ନସିଂହାସନ୍ ଉପ୍‌ରେ ବିରାଜିତ ଶ୍ରୀଜଗନ୍ନାଥ୍ ମାହାପୁରୁଙ୍କୁ କାଳିଅ ଦଳନ ବେଶଥି ସଜାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୬ ଦିନ୍‌ତକ୍ କମ୍ ନୁ ମଧମ୍ ଧରଣ୍‌ର ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍, ଦେବ୍‌ଗଡ୍, ଅନୁଗୁଲ୍ ସହେତେ ୧୭ ଟା ଜିଲ୍ଲା ନ ଚଡ଼କ୍ ମାରିକରି ବର୍ଷା ହେବା ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଆକଲନ୍ କରାଯାଇଛେ । ଇତାକେ ନଜରଥି ରଖିକରି ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ଇସବୁ ଜିଲ୍ଲାମାନ୍‌କର୍ ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।